ଶନିବାର, ୯ ନଭେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ



# ସୁମନ ଓ ଶିଶୁଦିବସ




## ଗପ

ସେଦିନ ଥାଏ ଶିଶୁ ଦିବସ। ପିଲାମାନେ ସଅଳ ଉଠି ନିଜକୁ ପ୍ରସ୍ତୁତ କରୁଥାନ୍ତି ଶିଶୁ ଦିବସ ପାଳନ କରିବାକୁ। ସକାଳୁ ବାପା ଗୋଟିଏ ବ୍ୟାଗ ସହିତ ସୁମନର ହାତଧରି ନେଇଗଲେ ବାହାରକୁ। କଥାବାର୍ତ୍ତା ହୋଇ ଯାଉଯାଉ ସୁମନ ଆଉ ତା'ର ବାପା ପହଞ୍ଚିଗଲେ ଗାଁ ମୁଣ୍ଡରେ।

ଏକ ନୁଆଁଣିଆ ଚାଳଘରୁ ଲତିକା ବାହାରୁଥାଏ ତା' ବାପାଙ୍କ ସହିତ କବାଡି ଜିନିଷ ସଂଗ୍ରହ କରିବାକୁ। ଲତିକା ସ୍କୁଲକୁ ଯାଏ ନାହିଁ। ସୁମନର ବାପା କହିଲେ ଲତିକା ତୋର କ'ଣ ସ୍କୁଲକୁ ଯିବାକୁ, ପାଠ ପଢିବାକୁ ଇଚ୍ଛା ନାହିଁ? ଲତିକାର ଆଖି ଛଳଛଳ ହୋଇଗଲା। ଲତିକାର ବାପା କହିଲେ, ସେ ସ୍କୁଲକୁ ଯାଇ କ'ଣ କରିବ? ମୋ ସହିତ ଗଲେ ରୋଜଗାର ହେବ। ସୁମନର ବାପା ଓ ସୁମନ ବୁଝାଶୁଝା କରିବା ପରେ ଲତିକାକୁ ସ୍କୁଲକୁ ପଠାଇବାକୁ ରାଜିହେଲେ ତା'ର ବାପା। ଲତିକାର ବାପା କହିଲେ, ଆମ ସାହିର ତ ଅନେକ ପିଲା ସ୍କୁଲ ଯାଉନାହାନ୍ତି କାରଣ ସେମାନ ବହୁତ ଅସୁବିଧାରେ ଚଳୁଛନ୍ତି। କାହାର ମା'ବାପା ନାହାନ୍ତି ତ ଆଉ କେହି ଶ୍ରମ କରି ରୋଜଗାର କରୁଛନ୍ତି। କିଛି ପିଲା ନିଶାକୁ ସାଥୀ କଲେଣି। ଆଉ କିଛି ପିଲା ଭିକ୍ଷା ମାଗିବାକୁ ଚାଲିଯାଉଛନ୍ତି।

ସୁମନ ଆଁ କରି ଶୁଣୁଥାଏ ଏହି କଥା। ବ୍ୟସ୍ତ ହୋଇ ଚାହିଁଲା ବାପାଙ୍କୁ। ସୁମନର ମନର କଥା ବାପା ବୁଝିପାରୁଥାନ୍ତି। ଲତିକା ବାପାଙ୍କ ସହଯୋଗରେ ତାଙ୍କ ସାହିର ସବୁ ପିଲା ଓ ତାଙ୍କ ମାତାପିତାଙ୍କୁ ଏକାଠି କଲେ ସୁମନ ଓ ତା' ବାପା। ବ୍ୟାଗ୍ ଭିତରୁ ଜବାହରଲାଲ ନେହେରୁଙ୍କ ଫଟୋ, ଫୁଲ ବାହାର କରି ଏକ ଚୌକିରେ ରଖିଲେ ଓ ତଳେ ଦରି ପକାଇ ପିଲାମାନଙ୍କ ସହିତ ବସିଲେ। ସମସ୍ତଙ୍କ ମୁଣ୍ଡରେ ଚନ୍ଦନ ଟିପା ଲଗାଇଦେଲା ସୁମନ। ଶିକ୍ଷାର ମହତ୍ତ୍ୱ ଓ ଶିଶୁମାନଙ୍କ ଅଧିକାର ସମ୍ବନ୍ଧରେ ସୁମନର ବାପା ବୁଝାଇଲେ। ପରେ ସୁମନର ବାପା ଶିକ୍ଷକ, ଶିଶୁ ସୁରକ୍ଷା ଅଧିକାରୀ,ଶ୍ରମ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗର ସହାୟତା ନେଲେ। ତା'ପରଠାରୁ ପିଲାମାନଙ୍କର ଆବଶ୍ୟକତା ପୂରଣ ପାଇଁ ଲାଗିପଡିଲେ ସୁମନ ଓ ତା'ର ବାପା। ସେଦିନ ସୁମନ ସ୍କୁଲକୁ ଆସି ଖୁବ୍ ଆତ୍ମବିଶ୍ୱାସର ସହିତ ଅବହେଳିତ ଶୈଶବ ବିଷୟରେ ବକ୍ତୃତା ଦେଲା। କେବେ ବକ୍ତୃତାରେ ଭାଗ ନେଇ ନ ଥିବା ସୁମନ ବକ୍ତୃତାରେ ପ୍ରଥମ ହେଲା। ବାପା କହିଲେ ବକ୍ତୃତା ପାଇଁ ଖୋରାକ ଦିଏ ଅଭିଜ୍ଞତା। ସୁମନ ପାଇଥିବା ଉପହାର ଓ ମିଠେଇ ସେହି ସାହିର ପିଲାମାନଙ୍କୁ ବାଣ୍ଟିଲା। ବାପାଙ୍କୁ କହିଲା ବାପା ଆମେ ପ୍ରତିବର୍ଷ ଏଠାରେ ଶିଶୁ ଦିବସ ପାଳନ କରିବାକୁ ଆସିବା। ସୁମନର ବାପା ହଁ କହିଲେ। ଧୀରେ ଧୀରେ ସେହି ପିଲାମାନଙ୍କୁ ପାଠପଢା ସହିତ ଅନେକ ସୁବିଧା ମିଳିଲା। ପ୍ରତିବର୍ଷ ସେଠାରେ ଶିଶୁ ଦିବସ ଖୁବ୍ ଧୁମଧାମରେ ପାଳିତ ହେଲା।

**– ଶୁଭନାରାୟଣ ଶତପଥୀ**
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩



## ଖିଲି ଖିଲି ହସ

ସୋନୁ: ଶୀତଦିନରେ କେବେକେବେ ସୂର୍ଯ୍ୟ କାହିଁକି ଦେଖାଯାଆନ୍ତିନି?
ମୋନୁ: କାହିଁକି ନା ଶୀତଦିନରେ ଥଣ୍ଡା ଡରରେ ସୂର୍ଯ୍ୟ ତାଙ୍କ ଘରୁ ବାହାରି ନ ଥାନ୍ତି।

– ପପୁ : ବାପା, ମୋତେ ଗୋଟେ ବାଜା କିଣିଦିଅ।
ବାପା: ନା, ତୁ ସମସ୍ତଙ୍କୁ ହଇରାଣ କରିବୁ।
ପପୁ: ହଇରାଣ କରିବିନି ବାପା, ଯେତେବେଳେ ସମସ୍ତେ ଶୋଇପଡ଼ିବେ ସେତେବେଳେ ବଜାଇବି।

–ଚଙ୍ଗୁ: ଯଦି ନଦୀ ମଝିରେ ଲେମ୍ବୁ ଗଛ ଅଛି, ତେବେ ଲେମ୍ବୁ କେମିତି ଆଣିବା?
ମଙ୍ଗୁ: ଚଢ଼େଇ ହୋଇ!
ଚଙ୍ଗୁ: ଆରେ ମୂର୍ଖ ତୋତେ ଚଢ଼େଇ କିଏ କରିବ?
ମଙ୍ଗୁ: ସେଇକଥା, ଯିଏ ନଦୀ ମଝିରେ ଲେମ୍ବୁଗଛ ଲଗେଇଛି ସିଏ ମୋତେ ଚଢ଼େଇ କରିବ!

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ମତାମତ

▶▶ ଜଣା ଅଜଣା ସ୍ତମ୍ଭରେ 'ଦାମୀ ପନିପରିବା' ପାଠଟି ପଢ଼ି ଆଶ୍ଚର୍ଯ୍ୟ ଲାଗିଲା। ପନିପରିବାର ଦାମ୍ ଯେ ଏତେ ହୋଇପାରେ ତାହା ସତରେ ଅବିଶ୍ୱସନୀୟ।

**– ରାଜେଶ ରଞ୍ଜନ ସାହୁ, ନୟାଗଡ଼**


▶▶ ଗଳ୍ପ ସ୍ତମ୍ଭରେ 'ଆମ ସୁରକ୍ଷା ଆମ ହାତରେ' ପାଠଟି ଶିକ୍ଷଣୀୟ ହୋଇଛି। ଜଙ୍ଗଲ ହେଉଛି ଆମର ଅମୂଲ୍ୟ ସମ୍ପଦ। ଯଦି ଆମେ ଏହାକୁ ସୁରକ୍ଷା ନ ଦେବା, ତେବେ ଆମକୁ ପ୍ରକୃତିର କରାଳ ରୂପର ସାମ୍ନା କରିବାକୁ ପଡ଼ିପାରେ ଏଥିରେ ତିଳେହେଲେ ସନ୍ଦେହ ନାହିଁ।

**– ନିଶାନ୍ତ ସାହୁ, ରାଜନଗର, କେନ୍ଦ୍ରାପଡ଼ା**

▶▶ ତୁମ ତୂଳୀ ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଛି।

**– ବିଶାଳ ଦାସ, ରସୁଲଗଡ଼, ଭୁବନେଶ୍ୱର**

## ରଙ୍ଗ ଦିଅ



# ପାଣିରେ ସ୍ଥାପତ୍ୟ କଳା

ପାଣି ଭିତରେ ମଧ୍ୟ ରହିଛି ବିଭିନ୍ନ ପ୍ରକାରର ସୁନ୍ଦର ସ୍ଥାପତ୍ୟ କଳା। ଏସବୁ ଦେଖିବାକୁ ଲୋକଙ୍କର ସ୍ୱତନ୍ତ୍ର ଆକର୍ଷଣ ରହିଥାଏ। ବିଭିନ୍ନ ଦେଶରେ ରହିଛି ଏଭଳି ସୁନ୍ଦର କଳାକୃତି। ଏସବୁ ମଧ୍ୟରେ ବାହାମସ୍‌ର ସ୍ଥାପତ୍ୟ ସାରା ବିଶ୍ୱରେ ସ୍ୱତନ୍ତ୍ରତା ହାସଲ କରିଛି।

ଏମିତିକି ବିଶ୍ୱର ସବୁଠୁ ବଡ ସ୍ଥାପତ୍ୟ କଳାର ନିଦର୍ଶନ ରହିଛି ବାହାମସ୍‌ରେ। ସେଥିପାଇଁ ତ ଏସବୁ ଦେଖିବା ନିମନ୍ତେ ଏଠାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି। ଏହି ଦ୍ୱୀପରେ ଏଭଳି ଏକ ଆକର୍ଷଣୀୟ ସ୍ଥାପତ୍ୟ ନିର୍ମାଣ କରାଯାଇଛି ଯାହାର ଓଜନ ୬୦ ଟନ୍ ଓ ଉଚ୍ଚତା ୧୮ ଫୁଟ। ଏହାର ନାଁ ରହିଛି ଓସେନ୍ ଆଟଲାସ୍। ଭିନ୍ନ ଢଙ୍ଗରେ ଏହି କଳାକୃତି ନିର୍ମାଣ କରିଛନ୍ତି ଜାଶୋନ ଡିକାଇରେସ୍ ଟାଇଲର୍‌ସ୍। ଏହି କଳା ମାଧ୍ୟମରେ ଗ୍ଲୋବାଲ ୱାର୍ମିଂ, ସମୁଦ୍ର ଜଳ ପ୍ରଦୂଷଣ, ଅତ୍ୟଧିକ ମାଛଧରିବା ଆଦି ବିଭିନ୍ନ ସମସ୍ୟାକୁ ଦର୍ଶାଯାଇଛି।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ସ୍କୁଲ ବସ୍

**ସାଙ୍ଗମାନଙ୍କ ସହିତ ସ୍କୁଲ ଯିବାବେଳେ ବେଶ୍ ଖୁସିଲାଗେ ପିଲାଙ୍କୁ। ସେଥିପାଇଁ ତ ସ୍କୁଲ ବସ୍ କି ଭ୍ୟାନ୍‌ରେ ଯିବାର ଏକ ଭିନ୍ନ ମଜା ଥାଏ। ହେଲେ ଏଥିପାଇଁ ବିଭିନ୍ନ ଦିଗରୁ ସତର୍କ ହେବା ବି ଜରୁରୀ।**

ସମସ୍ତଙ୍କର ଘର ପାଖରେ ସ୍କୁଲ ନ ଥାଏ। ଘରଠାରୁ ଦୂରରେ ଥିବାରୁ ପ୍ରାୟତଃ ଅଧିକାଂଶ ପିଲା ଯିବାଆସିବା ନିମନ୍ତେ ସ୍କୁଲବସ୍ କିମ୍ବା ଭ୍ୟାନ୍ ଉପରେ ନିର୍ଭର କରନ୍ତି। କେହି କେହି ଅଟୋରେ ତ କେତେକେ ଅଭିଭାବକଙ୍କ ସହିତ ଯାଆନ୍ତି। ତେବେ ଯିବାଆସିବାର ମାଧ୍ୟମ ଅନୁସାରେ ହିଁ ପିଲାଙ୍କୁ ଟାଇମ୍ ମ୍ୟାନେଜମେଣ୍ଟ କରିବାକୁ ବି ହୋଇଥାଏ। ଏସବୁ ପରେ ସାଙ୍ଗମାନଙ୍କ ସହିତ ଏକାଠି ଯିବାର ଏକ ଅଲଗା ମଜା ରହିଥାଏ। ତେବେ ସ୍କୁଲ ବସ୍‌ରେ ଯିବାଆସିବା କରୁଥିଲେ ପିଲାଙ୍କୁ ବିଭିନ୍ନ ଦିଗରୁ ସଚେତନ ରହିବାକୁ ହେବ। ନଚେତ୍ ଭବିଷ୍ୟତରେ ଅନେକ ସମସ୍ୟାର ଆଶଙ୍କା ରହିଥାଏ।

## ଟାଇମ୍ ମ୍ୟାନେଜମେଣ୍ଟ

ଠିକ୍ ସମୟରେ ସ୍କୁଲରେ ପହଞ୍ଚିବା ପାଇଁ ହେଲେ ପିଲାଙ୍କୁ ପ୍ରଥମେ ଟାଇମ୍ ମ୍ୟାନେଜମେଣ୍ଟ ଶିଖିବା ଦରକାର। ଖାଇବା ପିଇବା ଓ ବହିପତ୍ର ସଜାଡି ରଖିବା, ୟୁନିଫର୍ମ ପିନ୍ଧି ନିଜେ ପ୍ରସ୍ତୁତ ହେବା ଏସବୁ କାମକୁ ଏକ ସମୟସୀମା ଭିତରେ କରିବାକୁ ହେବ। ନଚେତ୍ ଏଥିପାଇଁ ବହୁ ସମସ୍ୟା ଆସିପାରେ। କାରଣ ସ୍କୁଲ ବସ୍ ଏକ ନିର୍ଦ୍ଦିଷ୍ଟ ସମୟରେ ଆସିଥାଏ। ଯଦି ପିଲାମାନେ ପୂରା ପ୍ରସ୍ତୁତ ହୋଇ ନ ଥିବେ ତେବେ ସେମାନଙ୍କ ପାଇଁ ଡ୍ରାଇଭର ତଥା ଅନ୍ୟ ସବୁ ପିଲାଙ୍କୁ ମଧ୍ୟ ଅପେକ୍ଷା କରିବାକୁ ହେବ। ବାରମ୍ବାର ଏମିତି ହେଲେ ସମସ୍ତେ ବିରକ୍ତ ହୋଇପାରନ୍ତି ଓ ଆପଣଙ୍କର ଏକ ନକାରାତ୍ମକ ଛବି ସୃଷ୍ଟି ହେବ। ତେଣୁ ଗାଡି ଆସିବାବେଳକୁ ନିଜେ ପ୍ରସ୍ତୁତ ହୋଇ ରହିଥିବା ଆବଶ୍ୟକ। ସେହିପରି ଅଭିଭାବକଙ୍କ ସହ ଯାଉଥିଲେ ବି ତାଙ୍କ ସମୟ ଅନୁସାରେ ପ୍ରସ୍ତୁତ ରହିବା ଦରକାର।

## ବହୁତ ମଜା

ପିଲାଙ୍କ ସହିତ ସ୍କୁଲ ବସ୍, ଭ୍ୟାନ୍ କିମ୍ବା ଅଟୋରେ ସ୍କୁଲ ଯିବାର ମଜା ଅଲଗା। ଅବଶ୍ୟ ଗାଡି ଭିତରେ କେବଳ ଗୋଟିଏ କ୍ଲାସର ପିଲା ନ ଥାନ୍ତି। କିନ୍ତୁ ସମସ୍ତଙ୍କ ଭିତରେ ଏକ ଭିନ୍ନ ପ୍ରକାରର ଆତ୍ମୀୟତା ସୃଷ୍ଟି ହୋଇଥାଏ। ତେଣୁ ପରସ୍ପର ଭିତରେ ଭାବର ଆଦାନପ୍ରଦାନ ହୋଇଥାଏ। ବେଳେବେଳେ ବସ୍‌ରେ ମଧ୍ୟ ଟିଫିନ୍ ଶେୟାର କରି ଖାଇବାର ମଜା ନିଅନ୍ତି ପିଲାମାନେ। ସେଥିପାଇଁ ଅଭିଭାବକଙ୍କ ସହିତ ଯାଉଥିବା ପିଲାମାନେ ବି ବସ୍‌ରେ ଯିବାକୁ ଇଚ୍ଛା କରନ୍ତି।

## ସମ୍ପର୍କ ବୃଦ୍ଧି

ଗାଡିରେ ଯିବାଆସିବା କଲେ ବିଭିନ୍ନ ପିଲାଙ୍କ ସହିତ ସମ୍ପର୍କ ସୃଷ୍ଟି ହୁଏ। ପିଲାମାନେ ନିଜର ଯୋଗାଯୋଗ ସମ୍ପର୍କ ବଢାଇବାର ଏକ ସୁଯୋଗ ପାଇଥାନ୍ତି। ବସ୍ ଭିତରେ ଥିବା ପିଲା ନିଜ କ୍ଲାସ୍‌ର ହୋଇ ନ ଥିଲେ ବି ଭଉଣୀଭାଇ ଭଳି ଏକ ସମ୍ପର୍କ ସୃଷ୍ଟି ହୋଇଥାଏ। ଫଳରେ ପିଲାମାନେ ବ୍ୟାବହାରିକ ଜ୍ଞାନ ବଢାଇବାର ସୁଯୋଗ ପାଆନ୍ତି। ଏହା ସହିତ ଯିବା ସମୟରେ ସମସ୍ତଙ୍କ ଘରବାଟ ଦେଇ ଯିବାକୁ ହୁଏ। ତେଣୁ ସବୁ ପିଲାଙ୍କ ଘରଲୋକଙ୍କୁ ମଧ୍ୟ ଦେଖିବା ଓ ମିଶିବା ପାଇଁ ସୁଯୋଗ ମିଳେ। ଏଭଳି ଭାବରେ ପିଲାଙ୍କୁ ଅଧିକ ଲୋକଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାର ସୁଯୋଗ ରହିଥାଏ।




## ସତର୍କତା

- ଯେଉଁ ଗାଡ଼ିରେ ଯାଉଛନ୍ତି ସେହି ଗାଡ଼ିର ଡ୍ରାଇଭର ଓ ସିକ୍ୟୁରିଟିଙ୍କ ପ୍ରତି ଗୁରୁଜନଙ୍କ ଭଳି ଭଲ ବ୍ୟବହାର କରନ୍ତୁ ଓ ସେମାନଙ୍କ ବ୍ୟବହାରକୁ ଲକ୍ଷ୍ୟ କରନ୍ତୁ। ଯଦି ସେମାନଙ୍କ ବ୍ୟବହାରରେ କିଛି ଖରାପ ମନେହୁଏ ତେବେ ସବୁକଥା ଅଭିଭାବକଙ୍କୁ ଜଣାନ୍ତୁ।
- ଗାଡ଼ିରେ ଯିବାବେଳେ କେହି ଆପଣଙ୍କୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରୁଥିଲେ ପ୍ରଥମେ ସେଠାରେ ଥିବା ସିକ୍ୟୁରିଟିଙ୍କୁ ଜଣାନ୍ତୁ। ଯଦି ସେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତେବେ ଘରେ ଜଣାନ୍ତୁ।
- ଗାଡ଼ି ଡ୍ରାଇଭରଙ୍କ ଫୋନ ନମ୍ବର ନିଜେ ବି ପାଖରେ ରଖନ୍ତୁ। ଯଦି କୌଣସି ସମୟରେ ଗାଡ଼ି ଆସିବାରେ ବିଳମ୍ବ ହୁଏ ତେବେ ନିଜେ ତାଙ୍କ ସହ ଯୋଗାଯୋଗ ରଖିପାରିବେ।
- ସ୍କୁଲ ଯିବାବେଳେ ଗାଡ଼ି ଆସିବାବେଳକୁ ପ୍ରସ୍ତୁତ ହୋଇ ରୁହନ୍ତୁ, ଯେପରି କାହାକୁ ତୁମ ପାଇଁ ଅପେକ୍ଷା କରିବାକୁ ପଡିବ ନାହିଁ।
- ଗାଡ଼ିରେ ଯାଉଥିବା ଅନ୍ୟ ପିଲାଙ୍କ ପ୍ରତି ଭଲ ବ୍ୟବହାର କରନ୍ତୁ। ଅର୍ଥାତ୍ ନିଜେ ବସିବା ଓ ବ୍ୟାଗ ରଖିବା ପାଇଁ କାହା ସହ ଝଗଡା ନ କରି ଆଡ଼ଜଷ୍ଟ କରିବାକୁ ଚେଷ୍ଟା କରନ୍ତୁ। ନିଜେ ଆରାମରେ ବସିବା ପାଇଁ ଅନ୍ୟମାନଙ୍କୁ ଅସୁବିଧାରେ ପକାନ୍ତୁ ନାହିଁ।

## ଏମାନେ କ'ଣ କରନ୍ତି

### ଆଗୁଆ ପ୍ରସ୍ତୁତ ହୁଏ



ବସ୍ ଆସିବାବେଳକୁ ସବୁବେଳେ ମୁଁ ଆଗୁଆ ରେଡ଼ି ହୋଇ ରହିଥାଏ। ତେଣୁ ଗାଡି ଆସିବା ଦେଖିବା ମାତ୍ରେ ଘରୁ ବାହାରି ଯାଏ। ମୋ ପାଇଁ କେବେ କାହାକୁ ଅପେକ୍ଷା କରିବାକୁ ପଡେନି। ସେଥିପାଇଁ ଡ୍ରାଇଭର ଅଙ୍କଲ୍ ମୋର ପ୍ରଶଂସା କରନ୍ତି। ଠିକ୍ ସେମିତି ଆସିବା ବେଳକୁ ଆମେ ସମସ୍ତେ ବସ୍‌ରେ ଗପି ଗପି ମଜା କରୁ। ଆଉ ଗାଡି ଭିତରେ ମୋ ସାଙ୍ଗ ସହିତ ଉପର କ୍ଲାସର ଦିଦିମାନେ ବି ଥାନ୍ତି। ସେମାନେ ଆମକୁ ବହୁତ ଭଲପାନ୍ତି। ବେଳେବେଳେ ବସ୍‌ରେ ସେମାନଙ୍କ ସହିତ ଆମେ ଏକାଠି ଚକୋଲେଟ୍ ବିସ୍କୁଟ ଆଦି ଖାଉ। ଖୁବ୍ ମଜା ଲାଗେ। ଆମ ଘରେ ପିଠା ହେଲେ ମାମା ମତେ ସାଙ୍ଗମାନଙ୍କ ସହିତ ଖାଇବା ପାଇଁ ଅଲଗା ଦେଇଥାଏ। ସ୍କୁଲରୁ ଫେରିବାବେଳେ ଗାଡିରେ ଆମେ ସମସ୍ତେ ବାଣ୍ଟିକି ଖାଉ।

– **ଶ୍ରେୟାଂଶୀ ମହାନ୍ତି,** କ୍ଲାସ୍–୬, କ୍ରିଷ୍ଣମୂର୍ତ୍ତି ୱାର୍ଲଡ ସ୍କୁଲ, ପ୍ରତାପନଗରୀ, କଟକ

### ବହୁତ ମଜା ହୁଏ



ସବୁଦିନ ଭ୍ୟାନ୍‌ରେ ଯାଏ ବହୁତ ଭଲ ଲାଗେ। ଗାଡିରେ ମୋ କ୍ଲାସର ଗୋଟିଏ ପିଲା ଓ ଅନ୍ୟ କ୍ଲାସର ପିଲା ଥାନ୍ତି। ସେମାନଙ୍କ ସହ ବାଟରେ ଯିବାବେଳେ ଗପି ଗପି ଯାଉ। ଆଉ ଆମ ଭିତରୁ ଯିଏ ବିସ୍କୁଟ କିମ୍ବା ପିଠା ନେଇଥାଏ ସମସ୍ତେ ମିଶିକି ଖାଉ। ସ୍କୁଲ ପାଇଁ ଟିଫିନ୍ ବ୍ୟତୀତ ମାମା ଅଲଗା ଖାଇବାକୁ ଦେଇଥାଏ। ତେଣୁ ବହୁତ ମଜା ହୁଏ। ଡ୍ରାଇଭର ଅଙ୍କଲ ବି ଆମ ସହିତ ମିଶିକି ଖାଆନ୍ତି। ପିଲାଙ୍କ ଭିତରୁ କାହାର ଜନ୍ମଦିନ ହେଲେ ଗାଡି ଭିତରେ ଚକୋଲେଟ୍ ବଣ୍ଟାହୁଏ। ଅବଶ୍ୟ ବେଳେବେଳେ ବାବାଙ୍କ ସହିତ ଆମ ଗାଡିରେ ଯିବାକୁ ଇଚ୍ଛା ହୁଏ। ବାବା, ମାମା ଆଉ ଜେଜେ ସମସ୍ତେ ମୋତେ ସ୍କୁଲରୁ ଆଣିବାକୁ ଯାଆନ୍ତି। ଆଉ ଆମେ ବାହାରେ ଟିକେ ବୁଲାବୁଲି କରି ଖିଆପିଆ କରି ଘରକୁ ଫେରୁ।

– **ଅମ୍ରିତ ରାଉତ,** କ୍ଲାସ୍–୭, କେନ୍ଦ୍ରୀୟ ବିଦ୍ୟାଳୟ ନଂ–୧, ଭୁବନେଶ୍ୱର

୧

ପ୍ରତୀକ ସ୍ୱାଇଁ
କ୍ଲାସ-୪, ହାପି ଆୱାର୍ସ ସ୍କୁଲ, ଭୁବନେଶ୍ୱର

୨

ମୋନାଲି ସାହୁ
କ୍ଲାସ-୭, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବରମୁଣ୍ଡା, ଭୁବନେଶ୍ୱର

୩

ଅଶ୍ରୁଜିତ ରାଉତରାୟ
କ୍ଲାସ- ୭, ମାର୍ଶାଘାଇ ଇଂଲିଶ ମିଡିୟମ୍ ସ୍କୁଲ, ଦରବଛା, କେନ୍ଦ୍ରାପଡା

୪

ସାଦ୍ୟାନ୍ତ ଶତପଥୀ
କ୍ଲାସ- ୬, ମଦର୍ସ ପବ୍ଲିକ ସ୍କୁଲ, ପୁରୀ

୫

ଓଣ୍ଡ୍ରିଲା ସ୍ୱାଇଁ
କ୍ଲାସ-୨, ମାର୍ଶାଘାଇ ଇଂଲିଶ ମିଡିୟମ୍ ସ୍କୁଲ, କେନ୍ଦ୍ରାପଡା

୬

ସ୍ନେହାଲ ମହାପାତ୍ର
କ୍ଲାସ-୮, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୭


ଶାଶ୍ୱତ ବେହେରା
କ୍ଲାସ-୭, ସେଣ୍ଟ ଜାଭିୟର ହାଇସ୍କୁଲ, ଦରବଛା, ମାର୍ଶାଘାଇ, କେନ୍ଦ୍ରାପଡା

୮

ତନଭି ଦାଶ
କ୍ଲାସ- ୪, ମଦର୍ସ ପବ୍ଲିକ ସ୍କୁଲ, ପାହାଳ, ଭୁବନେଶ୍ୱର


୯


ରିଫକ୍ ଅକ୍ତାର ମୋଲା
କ୍ଲାସ-୮, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ, ଭୁବନେଶ୍ୱର



୧


୨


୫



୬


୩


୪



୭


୮


୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ଦାନ୍ତରେ ଭାଙ୍ଗିଲେ ୱାଲନଟ୍

ୱାଲନଟ୍‌କୁ ଦାନ୍ତରେ ଭାଙ୍ଗି ଖାଇବା ସମସ୍ତଙ୍କ ପାଇଁ କଷ୍ଟକର। ମାତ୍ର ଏଭଳି କାମକୁ ବେଶ୍ ସହଜରେ କରି ଦେଖାଇଛନ୍ତି ଜର୍ମାନୀର ଆଣ୍ଡ୍ରେ ଓରଟୋଲ୍‌ଫ। ଦାନ୍ତରେ ସେ ୱାଲନଟ୍‌କୁ ଅତିଶୀଘ୍ର ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି। ମାତ୍ର ୧ ମିନିଟ୍ ମଧ୍ୟରେ ସେ ମୋଟ ୪୪ଟି ୱାଲନଟ୍ ଦାନ୍ତରେ ଭାଙ୍ଗି ଦେଇଛନ୍ତି। ଏଭଳି ଏକ ଭିନ୍ନ ଧରଣର କାମ ପାଇଁ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ମିନିଟିଏ ମଧ୍ୟରେ ଏତେଗୁଡିଏ ୱାଲନଟ୍‌କୁ ସେ ଦାନ୍ତରେ ଭାଙ୍ଗିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ତେଣୁ ଅଭ୍ୟାସ ବଳରେ ସବୁ କାର୍ଯ୍ୟ କରିହେବ ଏହାକୁ ସେ ପ୍ରମାଣିତ କରିଛନ୍ତି। ତେବେ ଆଣ୍ଡ୍ରେଙ୍କ ପୂର୍ବରୁ ୨୦୨୩ରେ ଭାରତର ନବୀନ କୁମାର ସର୍ବାଧିକ ୱାଲନଟ୍ ଭାଙ୍ଗି ପାରିଥିଲେ। କିନ୍ତୁ ସେ ଦାନ୍ତ ବଦଳରେ ମୁଣ୍ଡରେ ଛେଚି ୱାଲନଟ୍‌ଗୁଡିକୁ ଭାଙ୍ଗିଥିଲେ। ୧ ମିନିଟ୍‌ରେ ସେ ୨୭୩ଟି ୱାଲନଟ୍ ଭାଙ୍ଗି ବିଶ୍ୱ ରେକର୍ଡ କରିଥିଲେ।

# ଆ– କା–ମା– ବୈ



ସାଧବ ପୁଅ ମୁଁ ସାଧବ ପୁଅ
ମୋ ଠାରୁ ସାହସୀ କେ ଅଛି କହ।
ବିପଣି ନେଇ, ବଣିଜ ପାଇଁ
ଜାଭା, ସୁମାତ୍ରା, ବାଲି ଦ୍ୱୀପକୁ ବୋଇତ ବାହୀ
ବିଦେଶରୁ ଆଣି ଧନ ଦରବ
ଓଡିଶା ମାଟିରେ ଲାଗଇ ନାବ।
ହୀରା, ନୀଳା, ସୁନା, ମୋତି, ମାଣିକ
ବିଭବେ ଭରା ମୋ ରାଇଜ ଦେଖ
ଓଡ଼ିଆ ଜାତି, ଫୁଲେଇ ଛାତି
ଗରବେ ଗାଏ, କଳିଙ୍ଗ ବୀର ମୋ ସାଧବ ପୁଏ।
ବନ୍ଦରେ ଲାଗଇ ଜାହାଜ ଭେଳା
ଦେଶେ ବିଦେଶର ବଣିଜ ମେଳା
ହୁଏ ଆମଦାନୀ, ପୁଣି ରପ୍ତାନୀ
ବିଜ୍ଞାନ ବଳେ ଯନ୍ତ୍ର ପଦ୍ଧତିରେ ଜାହାଜ ଚଳେ।
ସୁମରି ଓଡ଼ିଆ ପୂରୁବ କଥା
ସାଧବ ପୁଅର ବିଜୟ ଗାଥା
କାର୍ତ୍ତିକ ପୂର୍ଣ୍ଣିମା ଶୁଭ ଅବସରେ
ବୋଇତ ବନ୍ଦାଣ ନଦୀ ତଟରେ
ଆ– କା – ମା – ବୈ, ଗୀତଟି ଗାଇ
କଦଳୀ ପଟୁକା ଡଙ୍ଗା ଭସାଇ।

**– ନୀଳାମ୍ବର ମିଶ୍ର**
କୃପାସିନ୍ଧୁ ବିହାର, ଜଟଣୀ
ମୋ: ୬୩୭୦୪୬୬୩୭୧

## କ ବି ତା

## ଶିଶୁ ଦିବସ ପାଳିବା ଆସ

ଶିଶୁ ଦିବସ ପାଳିବା ଆସ
ମନରେ ଖୁସି ଭରି
ମିଳି ମିଶିକି ଗାଇବା ଗୀତ
ଗୋଟିଏ ସ୍ୱର ଧରି ।
ପାଳିବା ଆମେ ଚାଚାଜୀଙ୍କର
ଶୁଭ ଜନମ ଦିନ
ତାଙ୍କ ମମତା ମହାସାଗରେ
ହୋଇବା ଆମେ ଲୀନ ।
ସବୁ ଶିଶୁଙ୍କୁ ନିଜର ଭାବି
ପାଉଥିଲେ ସେ ଭଲ
ଓଠରେ ତାଙ୍କ ହେଉଥିଲା ତ
ହସଟି ଝଲମଲ ।
ଗୋଲାପ ଫୁଲେ ଭାରି ଶରଧା
ତାଙ୍କର ରହିଥିଲା
ପିଲାଙ୍କ ସାଥେ ମିଶୁଥିଲେ ସେ
ନିଜେ ସାଜିକି ପିଲା ।
ଜନମ ଦିନ ପକାଇ ମନେ
ପୂଜିବା ତାଙ୍କୁ ଆମେ
ତାଙ୍କ ସୁଗୁଣ ଆଦରି ନେଇ
ଲଗାଇବା ତ କାମେ ।

**– ଜୟନ୍ତ କୁମାର ମଲ୍ଲିକ୍**
ଶୂରଡିହ, ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

## ଚାଚା ନେହେରୁ

ମୋ' ଦେଶର ସୁବର୍ଣ୍ଣ ଦିବସ
ଚାଚା ନେହେରୁଙ୍କ ଜନ୍ମ ଦିବସ।
ପାଦ ଥାପେ ନଭେମ୍ବର ଚଉଦ
ଫୁଲ ବରଷେ ସାରା ଭାରତ।
ଏ ଜାତି କେବେ ଅକୃତଜ୍ଞ ନୁହେଁ
ଶିଶୁ ଦିବସ ପାଳେ ତବ ଜନ୍ମଦିନେ
ରଚିଗଲ ଇତିହାସ
ପଞ୍ଚଶୀଳ ନୀତିର ଉଦ୍‌ଘୋଷକ
ଦେଇଛ ବିଶ୍ୱକୁ ଶାନ୍ତିର ବାର୍ତ୍ତା
ସ୍ୱାଧୀନ ଦେଶର ନବ ନିର୍ମାତା।
ଭାରତମାତାର ସୁଯୋଗ୍ୟ ସନ୍ତାନ
ତୁମ ଯୋଗୁ ଏ ଦେଶ ମହାନ୍
ଆଗକୁ ବଢିବେ ତୁମ ପଥ ଅନୁସରି
ଦେଶ କରେ ଗର୍ବ ତୁମ ପରି ପୁଅ ପାଇ।

**– ଚିତ୍ତରଞ୍ଜନ ମହାନ୍ତି**
ତଗିରା, ରାଣୀତାଲ, ଭଦ୍ରକ
ମୋ: ୯୪୩୮୬୭୦୧୫୦

# ଏଥରର



- ଭାରତର ସବୁଠୁ ବଡ ଡ୍ୟାମ୍‌ର ନାମ ?
- ଇଲେକ୍ଟ୍ରୋନିକ୍ କମ୍ପ୍ୟୁଟର ପ୍ରଥମେ କିଏ ଉଦ୍ଭାବନ କରିଥିଲେ ?
- ଇଣ୍ଡୋନେସିଆ ଯୁଦ୍ଧ କେବେ ହୋଇଥିଲା ?
- ଭାରତର ଶେଷ ଭାଇସରଏ କିଏ ଥିଲେ ?
- ଇକୋସିଷ୍ଟମ୍ ଶବ୍ଦଟି ପ୍ରଥମେ କିଏ ବ୍ୟବହାର କରିଥିଲେ ?

## ଗତଥରର ଉ ତ୍ତ ର



- ଚାର୍ଲସ ବାବେଜ୍
- ଏଡୱାର୍ଡ ରବର୍ଟ
- ଜାପାନୀ
- ନେପାଳ
- ଫିନ୍‌ଲାଣ୍ଡ

# କହିଲ ଦେଖି



ଏମିତି ଦିବସ ଅଟଇ ସିଏ
ଛାତ୍ରଙ୍କ ପାଇଁକି ପାଳିତ ହୁଏ
ନଭେମ୍ବର ମାସ ଚଉଦ ଦିନ
ସେହି ଦିବସଟି ହୁଏ ପାଳନ
ସ୍ନେହ ଶ୍ରଦ୍ଧାର ନମୁନା ସିଏ
ନାମଟି ତାହାର କହିବ କିଏ ?

**ଉ– ଶିଶୁ ଦିବସ**



ସ୍ୱରୂପାରାଣୀଙ୍କ ସନ୍ତାନ ସିଏ
ଯାହାଙ୍କ ଗୁଣ ଆଜି ଦୁନିଆ ଗାଏ
ପଣ୍ଡିତ ଘରେ ସେ ଜନମ ନେଇ
ନାମ ରଖିଗଲେ ଭାରତ ପାଇଁ
ଦେଶକୁ ସ୍ୱାଧୀନ କରିବା ପାଇଁ
ଇଂରେଜ ବିରୁଦ୍ଧେ ଲଢ଼ିଲେ ସେହି
ହୋଇଥିଲା ଯେବେ ଦେଶ ସ୍ୱାଧୀନ
ନେଇଥିଲେ ପ୍ରଧାନମନ୍ତ୍ରୀ ଆସନ
ଥିଲେ ପରା ସିଏ ଶିଶୁ ବତ୍ସଳ
କିଏ ସେ କହିବ ନାମ ତାଙ୍କର ?

**ଉ– ଜବାହରଲାଲ ନେହେରୁ**



କଦଳୀ ଗଛର ପଟୁଆ ସିଏ
କାର୍ତ୍ତିକରେ ହୁଏ ଲୋଡ଼ା
କେଡେ ସରାଗରେ ସୁନ୍ଦର ଭାବରେ
ଯତନରେ ହୁଏ ଗଢ଼ା
ପାନ ଗୁଆ ଖଇର ରଖି ସେଥିରେ
ଦୀପଟେ ଲଗେଇ ଦେଇ
ପୂର୍ଣ୍ଣିମା ସକାଳେ ପ୍ରାତଃ ସ୍ନାନ କରି
ପାଣିରେ ଭସାନ୍ତି ନେଇ
ଏପରା ଅଟଇ ଆମ ପରମ୍ପରା
ମାନୁଅଛି ତାକୁ ଯିଏ
ନାମଟି ତାହାର ଅତି ସହଜରେ
କହିଦେବ ନିଶ୍ଚେ ସିଏ ?

**ଉ– କାର୍ତ୍ତିକ ଡଙ୍ଗା**



କାର୍ତ୍ତିକ ମାସର ପାଞ୍ଚଟି ଦିନ
ପବିତ୍ର ବୋଲି ମଣନ୍ତି ଜନ
ସାତ୍ତ୍ୱିକ ଭୋଜନ ଆହାର କରି
ହବିଷ୍ୟ କରନ୍ତି ଅନେକ ନାରୀ
ପୁଣ୍ୟ ଓ ପବିତ୍ର ବ୍ରତଟେ ସିଏ
ନାମଟି ତାହାର କହିବ କିଏ ?

**ଉ– ପଞ୍ଚକ ବ୍ରତ**

**– ପ୍ରଶାନ୍ତ କୁମାର ନାଥ**
ମୋ: ୮୩୧୦୩୨୮୩୪୫



# ଆମ ରାଷ୍ଟ୍ରୀୟ ପ୍ରତୀକ

**ଆମକୁ ସ୍ୱାଧୀନତା ମିଳିବା ପରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ନିଜର ପରିଚୟକୁ ଦୁନିଆରେ ପ୍ରଦର୍ଶିତ କରିବା ଉଦ୍ଦେଶ୍ୟରେ କିଛି ରାଷ୍ଟ୍ରୀୟ ପ୍ରତୀକକୁ ସ୍ୱୀକାର କରାଯାଇଛି। ଆମ ଦେଶର ଗୌରବ ଗରିମାକୁ ପ୍ରଦର୍ଶିତ କରୁଥିବା ଏଭଳି ରାଷ୍ଟ୍ରୀୟ ପ୍ରତୀକ ସମ୍ପର୍କରେ ଆସ ଜାଣିବା।**

**ରାଷ୍ଟ୍ରୀୟ ଧ୍ୱଜା:** ପ୍ରତ୍ୟକ ଦେଶରେ ଏକ ରାଷ୍ଟ୍ରୀୟ ଧ୍ୱଜା ଥାଏ। ଆମ ଦେଶର ପରିଚୟ ଏବଂ ଗର୍ବର ପ୍ରତୀକ ରାଷ୍ଟ୍ରୀୟ ଧ୍ୱଜା ହେଉଛି ତ୍ରିରଙ୍ଗା। ଏହାକୁ ସର୍ବପ୍ରଥମେ ୧୯୦୬ ମସିହା ଅଗଷ୍ଟ ୭ ତାରିଖ କଲିକତାରେ ହୋଇଥିବା କଂଗ୍ରେସ ଅଧିବେଶନରେ ଉଡ଼ା ଯାଇଥିଲା। ସେତେବେଳେ ଏହି ଧ୍ୱଜାକୁ ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟା ଭଗିନୀ ନିବେଦିତାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହାର ରୂପ, ରଙ୍ଗ, ଆକାରକୁ ବଦଳାଇ ଦିଆଗଲା। ରାଷ୍ଟ୍ରୀୟ ଧ୍ୱଜାର ବର୍ତ୍ତମାନ ସ୍ୱରୂପ ଭାରତର ସମ୍ବିଧାନ ସଭା ଦ୍ୱାରା ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ଅନୁମୋଦିତ ହୋଇଥିଲା। ୧୯୪୭, ଅଗଷ୍ଟ ୧୫ ତାରିଖ ଭାରତର ପ୍ରଥମ ସ୍ୱାଧୀନତା ଦିବସ ପାଳନ ଅବସରରେ ଏହି ତ୍ରିରଙ୍ଗା ପତାକାକୁ ଆନନ୍ଦ ଉଲ୍ଲାସର ସହିତ ଉଡ଼ା ଯାଇଥିଲା।

**ରାଷ୍ଟ୍ରୀୟ ସଙ୍ଗୀତ:** ଆମ ଦେଶର ରାଷ୍ଟ୍ରୀୟ ସଙ୍ଗୀତ ହେଉଛି 'ଜନ-ଗଣ-ମନ...'। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଦ୍ୱାରା ରଚିତ ଏହି ସଙ୍ଗୀତ ୧୯୫୦, ଜାନୁଆରୀ ୨୦ ତାରିଖରେ ରାଷ୍ଟ୍ରୀୟ ସଙ୍ଗୀତ ରୂପେ ମାନ୍ୟତା ପାଇଥିଲା। ମୂଳ ସଙ୍ଗୀତ ବଙ୍ଗଳା ଭାଷାରେ ଲେଖା ହୋଇଥିଲା। ପରେ ତାହାକୁ ହିନ୍ଦୀରେ ଅନୁବାଦ କରାଯାଇଥିଲା।

**ରାଷ୍ଟ୍ରୀୟ ଗୀତ:** ସୁପ୍ରସିଦ୍ଧ ବଙ୍ଗଳା ସାହିତ୍ୟକାର ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍'କୁ ରାଷ୍ଟ୍ରଗୀତ ରୂପେ ସମ୍ମାନ ଦିଆଯାଇଛି। ଏହି ଗୀତ ତାଙ୍କର ସର୍ବଶ୍ରେଷ୍ଠ କୃତି 'ଆନନ୍ଦ ମଠ' ଉପନ୍ୟାସରୁ ନିଆହୋଇଛି। ୧୯୫୦, ଜାନୁଆରୀ ୨୪ ତାରିଖ ସମ୍ବିଧାନ ସଭା ଦ୍ୱାରା ଏହି ଗୀତକୁ ରାଷ୍ଟ୍ରୀୟ ଗୀତ ରୂପେ ମାନ୍ୟତା ଦିଆହୋଇଛି।




**ରାଷ୍ଟ୍ରୀୟ ଚିହ୍ନ:** ଭାରତ ସରକାରଙ୍କ ଦ୍ୱାରା ୧୯୫୦, ଜାନୁଆରୀ ୨୬ ତାରିଖରେ ସାରନାଥ(ବନାରସ)ସ୍ଥିତ ସମ୍ରାଟ୍ ଅଶୋକଙ୍କ ଦ୍ୱାରା ନିର୍ମିତ ସିଂହର ସ୍ତମ୍ଭକୁ ରାଷ୍ଟ୍ରୀୟ ଚିହ୍ନ ରୂପେ ସ୍ୱୀକୃତି ଦିଆଯାଇଛି। ଏହି ରାଷ୍ଟ୍ରୀୟ ଚିହ୍ନରେ ତିନୋଟି ସିଂହ ଦେଖିବାକୁ ମିଳେ। କିନ୍ତୁ ମୂଳ ସ୍ତମ୍ଭରେ ଚାରୋଟି ସିଂହ ଅବସ୍ଥିତ। ମୁଦ୍ରିତ ଚିତ୍ରରେ ଚତୁର୍ଥ ସିଂହ ଦେଖାଯାଏ ନାହିଁ। ସ୍ତମ୍ଭର ମଧ୍ୟଭାଗରେ ଧର୍ମଚକ୍ର ଅଛି। ଚକ୍ରର ଡାହାଣ ପାଖେ ଗୋଟେ ବୃଷଭ ଏବଂ ବାମ ପାଖେ ଗୋଟେ ଘୋଡ଼ାର ଚିତ୍ର ଅଙ୍କନ କରାହୋଇଛି। ଉକ୍ତ ସ୍ତମ୍ଭର ସର୍ବନିମ୍ନ ଭାଗରେ ଦେବନାଗରୀ ଭାଷାରେ 'ସତ୍ୟ ମେବ ଜୟତେ' ଲେଖା ହୋଇଛି।

**ରାଷ୍ଟ୍ରୀୟ ପର୍ବ:** ସ୍ୱାଧୀନତା ଦିବସ (ଅଗଷ୍ଟ-୧୫), ଗଣତନ୍ତ୍ର ଦିବସ (ଜାନୁଆରୀ-୨୬) ଏବଂ ଗାନ୍ଧୀ ଜୟନ୍ତୀ (ଅକ୍ଟୋବର-୨)କୁ ଭାରତର ରାଷ୍ଟ୍ରୀୟ ପର୍ବ ରୂପେ ପାଳନ କରାଯାଏ।

**ରାଷ୍ଟ୍ରୀୟ ପଞ୍ଜିକା:** ମାର୍ଚ୍ଚ ୨୨ ତାରିଖ ୧୯୫୭ (ଶକସମ୍ବତ-୧୮୭୯)କୁ ରାଷ୍ଟ୍ରୀୟ ପଞ୍ଜିକା ରୂପେ ଗ୍ରହଣ କରାହୋଇଛି। ଏହାକୁ ଗ୍ରେଗେ ରିଆନ କ୍ୟାଲେଣ୍ଡର ଭଳି ୩୬୫ ଦିନ ଗଣନା କରାଯାଇଥାଏ। ଏଥିରେ ୧୨ଟି ମାସ ଥାଏ। ଯଥା- ଚୈତ୍ର, ବୈଶାଖ, ଜ୍ୟେଷ୍ଠ, ଆଷାଢ଼, ଶ୍ରାବଣ, ଭାଦ୍ରବ, ଆଶ୍ୱିନ, କାର୍ତ୍ତିକ, ମାର୍ଗଶିର, ପୌଷ, ମାଘ, ଫାଲ୍‌ଗୁନ।

**ରାଷ୍ଟ୍ରୀୟ ପୁଷ୍ପ:** ପଦ୍ମ ଆମର ରାଷ୍ଟ୍ରୀୟ ପୁଷ୍ପ। ଆମର ଜୀବନ, ସଂସ୍କୃତି ଏବଂ ଧର୍ମ ସହିତ ଅତୁଟ ସମ୍ପର୍କ ରଖିଥିବାରୁ ପଦ୍ମ ପୁଷ୍ପକୁ ଏତେବଡ଼ ସମ୍ମାନ ମିଳିପାରିଛି। ଭାରତୀୟ ଧର୍ମ ଏବଂ ସଂସ୍କୃତିରେ ପଦ୍ମ ପୁଷ୍ପକୁ ଶୁଭର ପ୍ରତୀକ ବୋଲି ସମସ୍ତେ ମାନିଥାନ୍ତି।

**ରାଷ୍ଟ୍ରୀୟ ପଶୁ:** ଭାରତର ରାଷ୍ଟ୍ରୀୟ ପଶୁ ହେଉଛି ମହାବଳ ବାଘ। ବାଘ ନିଜର ଦୃଢ଼ତା, ଚତୁରତା ଏବଂ ତୀବ୍ର ଗତିଶୀଳତା ପାଇଁ ରାଷ୍ଟ୍ରୀୟ ପଶୁ ରୂପେ ସ୍ୱୀକୃତି ପାଇଛି।

**ରାଷ୍ଟ୍ରୀୟ ପକ୍ଷୀ:** ଭାରତର ରାଷ୍ଟ୍ରୀୟ ପକ୍ଷୀ ମୟୂର। ରଙ୍ଗିନ ପର ଓ ଡେଣା ସହିତ କଣ୍ଠ ନିକଟରେ ଚିକ୍‌ଚିକ୍ କରୁଥିବା ନୀଳ ବର୍ଣ୍ଣ ପାଇଁ ନିଜର ସୁନ୍ଦରତାରେ ସଭିଙ୍କୁ ଆକର୍ଷିତ କରେ। ୧୯୬୨, ଜାନୁଆରୀରେ ମୟୂରକୁ ରାଷ୍ଟ୍ରୀୟ ପକ୍ଷୀ ରୂପେ ସ୍ୱୀକୃତି ଦିଆଯାଇଛି।

**ରାଷ୍ଟ୍ରୀୟ ଜଳଜୀବ:** ଗଙ୍ଗା ନଦୀର ଡଲ୍‌ଫିନ୍‌କୁ ଆମ ଦେଶରେ ରାଷ୍ଟ୍ରୀୟ ଜଳଜୀବ ରୂପେ ମାନ୍ୟତା ମିଳିଛି। ଏହି ସ୍ତନ୍ୟପାୟୀ ପ୍ରାଣୀ କେବଳ ମଧୁର ଜଳରେ ଦେଖିବାକୁ ମିଳିଯାଆନ୍ତି।

**- ସୁଧାଂଶୁ ଶେଖର ଦ୍ୱିବେଦୀ** , ସଲ୍ଟ ଲେକ୍, କୋଲକାତା
ମୋ:୯୬୮୧୩୭୩୫୧୨



# ଭୟଙ୍କର ନଦୀ


ଭାରତରେ ପ୍ରବାହିତ କେତେଗୁଡ଼ିଏ ନଦୀର କିଛି ନା କିଛି ମହତ୍ତ୍ୱ ରହିଛି। ଏମାନେ ନିଜର ପ୍ରାକୃତିକ ସୁନ୍ଦରତା ଏବଂ ସାଂସ୍କୃତିକ ମହତ୍ତ୍ୱ ପାଇଁ ବେଶ୍ ପରିଚିତ। ଆମ ଦେଶରେ ଏଭଳି ଏକ ନଦୀ ରହିଛି , ଯେଉଁଠି ଅଧିକ ସଂଖ୍ୟାରେ କୁମ୍ଭୀର ଦେଖିବାକୁ ମିଳିଥାଏ। ସେହି ନଦୀ ହେଉଛି ଚମ୍ବଲ ନଦୀ। ଏହି ନଦୀଟି ଅନ୍ୟ ନଦୀଠାରୁ ଟିକେ ସ୍ୱତନ୍ତ୍ର। ଏଥିରେ ମୁଖ୍ୟ ରୂପରେ ଘଡିଆଳ କୁମ୍ଭୀର ଦେଖାଯାନ୍ତି। ଏହି ପ୍ରଜାତିର କୁମ୍ଭୀରଙ୍କ ଲମ୍ବ ପ୍ରାୟ ୧୬-୨୦ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ। ଏଥି ସହିତ ଏଠାରେ ଅନ୍ୟ ପ୍ରଜାତିର କୁମ୍ଭୀରମାନଙ୍କୁ ମଧ୍ୟ ଦେଖିବାକୁ ମିଳେ। ନଦୀର ଗଭୀର ପାଣି ,ଘନ ଜଙ୍ଗଲ ଏବଂ କାଦୁଆ କୂଳ କୁମ୍ଭୀର ରହିବା ଲାଗି ଉତ୍କୃଷ୍ଟ ସ୍ଥାନ। ନଦୀର ତଟବର୍ତ୍ତୀ ଅଞ୍ଚଳ ଏତେଟା ବିକଶିତ ହୋଇନ ଥିବାରୁ ଅଧିକ ସଂଖ୍ୟାରେ କୁମ୍ଭୀର ଦେଖିବାକୁ ମିଳିଥାନ୍ତି। ଅବଶ୍ୟ ଗତ କିଛି ବର୍ଷ ହେବ କୁମ୍ଭୀରମାନଙ୍କର ସୁରକ୍ଷା ଲାଗି ପ୍ରଶାସନ କେତୋଟି ପଦକ୍ଷେପ ନେଇଛନ୍ତି। ଯାହାର ପରିଣାମ ସ୍ୱରୂପ ସେମାନଙ୍କ ବଂଶବୃଦ୍ଧି ଘଟିଛି। ଏଠାକୁ ପର୍ଯ୍ୟଟନମାନେ କୁମ୍ଭୀର ଦେଖିବାକୁ ଆସିଥାନ୍ତି। ଅପରପକ୍ଷେ ଏବେ ନଦୀରେ ବଢୁଥିବା ପ୍ରଦୂଷଣ କୁମ୍ଭୀରଙ୍କ ଜୀବନ ପ୍ରତି ପ୍ରମୁଖ ବିପଦ ରୂପେ ଉଭା ହୋଇଛି।




## ଜଣା ଅଜଣା

ବାରମ୍ବାର ଭୂମିକମ୍ପ ଦ୍ୱାରା କ୍ଷୟକ୍ଷତି ହେଉଥିବା ସତ୍ତ୍ୱେ ବି ଏହି ଦେଶ ବିକଶିତ ଭାବରେ ବେଶ୍ ଜଣାଶୁଣା। ତେବେ ପ୍ରଶ୍ନ ଉଠୁଥିବ,ଏଠାରେ କେଉଁ ଦେଶ ବିଷୟରେ ସୂଚନା ଦିଆଯାଉଛି। ଏହି ଦେଶଟି ହେଉଛି 'ଜାପାନ'। ଏଠାରେ ବାରମ୍ବାର ଭୂମିକମ୍ପ ଅନୁଭୂତ ହୋଇଥାଏ। ଏସବୁ ସତ୍ତ୍ୱେ ଏହି ଦେଶ ସଫଳତାର ଶିଢ଼ି ଚଢ଼ି ଚାଲିଛି। ଏହା ଶୁଣି ଅନେକେ ହୁଏତ ଆଶ୍ଚର୍ଯ୍ୟ ହୋଇପାରନ୍ତି, କିନ୍ତୁ କଥାଟି ସତ। ଏଠାରେ ହେଉଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ କିପରି ରକ୍ଷା କରିପାରିବେ ସେଥିପାଇଁ ସେଠାକାର ଲୋକମାନଙ୍କୁ ଏ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଏ। କେବଳ ସେତିକି ନୁହେଁ, ଏଠାରେ ଘରଗୁଡ଼ିକ ଏପରି ନିର୍ମିତ ହୁଏ, ଯାହା ଭୂମିକମ୍ପକୁ ଅତି ସହଜରେ ସହ୍ୟ କରି ପାରିବ। ଏହା ବ୍ୟତୀତ ଏଠାକାର ସରକାର ସବୁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟରୁ ଲୋକଙ୍କୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି। ନୂତନ ଜ୍ଞାନ କୌଶଳ ବ୍ୟବହାର କରାଯାଇ ଏଠାରେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଆଗୁଆ ସୂଚନା ମିଳିଥାଏ। ତେବେ ଏହି ଦେଶରୁ ପ୍ରାକୃତିକ ବିପର୍ଯ୍ୟୟ ସୁରକ୍ଷା ବିଷୟରେ ଅନେକ କିଛି ଶିକ୍ଷା ମିଳିଥାଏ।

# ପ୍ରାକୃତିକ ବିପର୍ଯ୍ୟୟ ସତ୍ତ୍ୱେ ବିକଶିତ ଦେଶ



# ଆ ଇ ନା



ଶିବାଙ୍ଗୀ ପାତ୍ର
୭ ବର୍ଷ/ଭୁବନେଶ୍ୱର



ଶ୍ରେୟାଂଶ ଦାଶ
୫ ବର୍ଷ/ଭୁବନେଶ୍ୱର